# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14 July – 2025

**********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଏମ୍ସ ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ରାଷ୍ଟ୍ରପତି

– କହିଲେ, ମହିଳାମାନେ ସେବାର ପ୍ରତୀକ

- ମହାକାଶରୁ ପୃଥିବୀ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ କଲେ ଭାରତର ଶୁଭାଂଶୁ ଶୁକ୍ଲାଙ୍କ ସମେତ ଅନ୍ୟ ମହାକାଶଚାରୀ

- ବାଲେଶ୍ୱର ଏଫ୍.ଏମ୍ କଲେଜ ଘଟଣାରେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଗିରଫ

ଏବଂ

- ଶ୍ରାବଣ ମାସର ପ୍ରଥମ ସୋମବାରରେ ଆଜି ବିଭିନ୍ନ ଶୈବପୀଠରେ ଜଳାଭିଷେକ କଲେ କାଉଡ଼ିଆ

CTC/BBSR

# ରାଷ୍ଟ୍ରପତି-ଏମ୍ସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ- ଏମ୍ସର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଆଜି ମହିଳାମାନେ ସବୁ କ୍ଷେତ୍ରରେ ଆଗରେ ରହିଛନ୍ତି। ମେଡିକାଲ ଶିକ୍ଷା କ୍ଷେତ୍ରରେ ମଧ୍ୟ ମହିଳାମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି। ମହିଳାମାନେ ସେବାର ପ୍ରତୀକ।

## - V/O -

ଶ୍ରୀମତୀ ମୁର୍ମୁ ପଞ୍ଚମ ସମାବର୍ତ୍ତନ ଉତ୍ସବରେ ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କୁ ଡିଗ୍ରୀ ପ୍ରଦାନ କରିଛନ୍ତି। ଏହାସହ ୩୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସ୍ୱର୍ଣ୍ଣପଦକ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସଙ୍କ ସମେତ ବହୁ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

ରାଷ୍ଟ୍ରପତି ଆସନ୍ତାକାଲି ପୂର୍ବାହ୍ନରେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର ୩ଟି ଅଟ୍ଟାଳିକାର ପୁର୍ନବିକାଶ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ

ରହିଛି । ଏହାପରେ ଆଦିକବି ସାରଳା ଦାସଙ୍କ ଜନ୍ମବାର୍ଷିକୀ ସମାରୋହରେ ଯୋଗଦେବା ସହ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କଟକ ଏବଂ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

***Desk***

## ଅକ୍ସିଓମ-୪

ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଏବଂ ଅକ୍ସିଓମ-୪ ମିଶନର ଅନ୍ୟ ତିନି ଜଣ କ୍ରୁ ସଦସ୍ୟ ଆଜି ମହାକାଶରୁ ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ କରିଛନ୍ତି । ସଫଳତାର ସହ ଅନ୍‌ଡକିଂ ପ୍ରକ୍ରିୟା ଶେଷ ହେବା ପରେ ସ୍ପେଶ୍ କ୍ରାଫ୍ଟ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ଅଲଗା ହୋଇଥିଲା । ଆସନ୍ତାକାଲି ସୁଦ୍ଧା ଶୁଭାଂଶୁଙ୍କ ସମେତ ଅନ୍ୟ ମହାକାଶଚାରୀ ଭାରତୀୟ ସମୟ ଅପରାହ୍ନ ୩ଟାରେ  ଭୂପୃଷ୍ଠରେ ପହଁଞ୍ଚିବେ । ଅବତରଣ ପରେ ସମସ୍ତ ମହାକାଶଚାରୀଙ୍କୁ ୭ ଦିନିଆ ପୁନର୍ବାସ ବ୍ୟବସ୍ଥାରେ ରଖାଯିବ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସହିତ ଖାପଖୁଆଇବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି । ଶ୍ରୀ ଶୁକ୍ଲା ଅନ୍ୟ ତିନିଜଣ ମହାକାଚାରୀଙ୍କ ସହ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରଠାରେ ୧୪ ଦିନ ଧରି ଅବସ୍ଥାନ କରି ବିଭିନ୍ନ ଗବେଷଣାତ୍ମକ କାର୍ଯ୍ୟରେ ସାମିଲ ଥିଲେ । ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ପହଁଞ୍ଚିବାରେ ଶ୍ରୀ ଶୁକ୍ଲା ପ୍ରଥମ ଭାରତୀୟ ହୋଇଥିବା ବେଳେ ଓ୍ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ ଭାରତର ସେ ଦ୍ୱିତୀୟ ମହାକାଶଚାରୀ ହୋଇଛନ୍ତି ।

*HS*

## କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ

ଚଳିତ ବର୍ଷ ରାଜ୍ୟରେ ଏକକାଳୀନ ୮ଟି କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଖୋର୍ଦ୍ଧା ଆଇ.ଟି.ବି.ପି. ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କୋଠାକୁ ଉଦ୍‌ଘାଟନ ଏବଂ ସ୍ଥାୟୀ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ୩୦ କୋଟି ଟଙ୍କା ବ୍ୟୟ ଅଟକଳରେ ଆଇ.ଟି.ବି.ପି. ପରିସରରେ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ହେବ। ସ୍ୱଳ୍ପ ଦିନ ମଧ୍ୟରେ ଏହି କ୍ୟାମ୍ପସରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ନାମଲେଖା ଆରମ୍ଭ ହେବ। ଶିକ୍ଷା ନୀତିର ବିକଳ୍ପରେ ଦୀର୍ଘ ୩୪ ବର୍ଷପରେ ୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ନୂଆ ଜାତୀୟ ଶିକ୍ଷାନୀତି କ୍ରିୟାନ୍ୱୟନ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

*I&PR*

## ବାଚସ୍ପତି ସମ୍ମିଳନୀ

ରାଜ୍ୟ ବିଧାନସଭା ବାଚସ୍ପତି ସୁରମା ପାଢ଼ି ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ବାଚସ୍ପତି ସମ୍ମିଳନୀରେ ଯୋଗ ଦେଇଛନ୍ତି। ଭୋପାଳକୁ ଦୁଇଦିନିଆ ଗସ୍ତରେ ଯାଇଥିବା ବାଚସ୍ପତି ଶ୍ରୀମତୀ ପାଢ଼ି ସେଠାକାର ବିଧାନସଭାର କମିଟି ବ୍ୟବସ୍ଥାର କାର୍ଯ୍ୟକାରିତା ଓ ଏହାକୁ କିପରି ଅଧିକ ପ୍ରଭାବୀ କରାଯାଇପାରିବ ସେ ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ ବାଚସ୍ପତି କହିଛନ୍ତି,

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ବିଧାନସଭା କମିଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି କମିଟି ଗୁଡ଼ିକ ଶାସନ ବ୍ୟବସ୍ଥାର ଠିକ୍ କାର୍ଯ୍ୟକାରିତାକୁ ସମ୍ପୂର୍ଣ୍ଣ ଭାବେ ତର୍ଜମା କରି ସରକାରୀ ନୀତି ନିୟମର ବ୍ୟବସ୍ଥାକୁ ଯାଞ୍ଚ କରିଥାନ୍ତି। ତେବେ ଓଡ଼ିଶା ବିଧାନସଭାର କମିଟି ବ୍ୟବସ୍ଥା ଖୁବ୍ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରୁଥିବା ବେଳେ ଏହା ଆଗାମୀ ଦିନରେ କିପରି ଅଧିକ ସକ୍ରିୟ ହୋଇ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିବ ସେଥିପ୍ରତି ପଦକ୍ଷେପ ନିଆଯିବ ବୋଲି ବାଚସ୍ପତି କହିଛନ୍ତି।

ମଧ୍ୟପ୍ରଦେଶ ବିଧାନସଭାର ବାଚସ୍ପତି ନରେନ୍ଦ୍ର ସିଂହ ତୋମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ  ସମ୍ମିଳନୀରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ରାଜସ୍ଥାନ, ଉତ୍ତରପ୍ରଦେଶ, ସିକିମ, ହିମାଚଳ ପ୍ରଦେଶ ଆଦି ୭ଟି ରାଜ୍ୟର ବାଚସ୍ପତି ଯୋଗ ଦେଇଥିଲେ।

***Desk***

## ଏମ୍ସ

ବାଲେଶ୍ୱର ଏଫ୍.ଏମ୍. କଲେଜ ଛାତ୍ରୀ ଆତ୍ମହୁତି ଘଟଣାରେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ଆଜି ପୁଲିସ ଗିରଫ କରିଛି। ପୂର୍ବରୁ ଏହି ମାମଲାରେ ସମ୍ପୃକ୍ତ ଶିକ୍ଷା ବିଭାଗୀୟ ମୁଖ୍ୟ ଅଧ୍ୟାପକ ସମୀର ସାହୁଙ୍କୁ ପୁଲିସ ଗିରଫ କରିଥିଲା। ଅପରପକ୍ଷରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଛାତ୍ରୀଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ନେଇ ଏମ୍ସ ପକ୍ଷରୁ ସୂଚନା ମିଳିଛି।

ଏହି ଘଟଣାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରି ବିସ୍ତୃତ ତଥ୍ୟ ମାଗିଥିବା ଜଣାପଡ଼ିଛି।

***Desk***

## ବାର୍ଡ ଫ୍ଲୁ

ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକରେ ପ୍ରଭାବିତ ବାର୍ଡ ଫ୍ଲୁ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶୋଧନ କାର୍ଯ୍ୟ ଜାରି ରହିଛି। ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିବା ଫାର୍ମର ୧ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ସବୁ ଫାର୍ମଗୁଡ଼ିକରେ ବିଶୋଧନ କାର୍ଯ୍ୟ କରାଯାଉଛି। ସାଧାରଣ ଲୋକଙ୍କ ବାସଗୃହ ମାନଙ୍କରେ ଥିବା ଦେଶୀ କୁକୁଡ଼ା, ବତକ ଆଦି ପକ୍ଷୀମାନଙ୍କୁ ମାରି ଦିଆଯିବା ପାଇଁ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗତକାଲି ଡେଲାଙ୍ଗ ବ୍ଲକ କୋଠାବାଡ଼ ଗ୍ରାମପଞ୍ଚାୟତ ଗସ୍ତ କରିବା ପରେ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟପକ୍ଷରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ବ୍ୟାପକ ଜନସଚେତନତା ଅଭିଯାନ ଜାରି ରହିଥିବା ନେଇ ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି।

***Desk***

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱରସ୍ଥିତ କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (ଇମେଜ୍)ଠାରେ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପି.ଜି.ଟି. ଶିକ୍ଷକମାନଙ୍କ ପାଞ୍ଚ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମ ଶିକ୍ଷକମାନଙ୍କ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିବା ସହ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଗଠନ କରିବାରେ ସହାୟକ ହେବ ବୋଲି ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ କହିଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ରଘୁରାମ ଆୟାରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ପାଞ୍ଚଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ୧୨୫ ଜଣ ଶିକ୍ଷକ ଯୋଗ ଦେଇଛନ୍ତି।

***Desk/Boudh***

## ଜଳାଭିଷେକ

ଶ୍ରାବଣ ମାସର ପ୍ରଥମ ସୋମବାରରେ ଆଜି ରାଜ୍ୟର ବିଭିନ୍ନ ଶୈବପୀଠରେ କାଉଡ଼ିଆମାନେ ଜଳାଭିଷେକ କରିଛନ୍ତି। ଭୁବନେଶ୍ୱରସ୍ଥିତ ପ୍ରଭୁ ଶ୍ରୀଲିଙ୍ଗରାଜ, କଟକସ୍ଥିତ ଧବଳେଶ୍ୱର ପୀଠ, ଗଡ଼ଗଡ଼ିଆ ପୀଠ, ଭଦ୍ରକର ଆଖଣ୍ଡଳମଣି, ଢେଙ୍କାନାଳର କପିଳାସସ୍ଥିତ ବାବା ଚନ୍ଦ୍ରଶେଖରଙ୍କ ସମେତ ମହାଦେବଙ୍କ ଜଳାଭିଷେକ କରିବା ପାଇଁ ଆଜି ଭୋର୍‌ରୁ ଶ୍ରଦ୍ଧାଳୁମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। କଟକର ଗଡ଼ଗଡ଼ିଆ ଘାଟରେ ଜଳ ସଂଗ୍ରହ ପାଇଁ କାଉଡ଼ିଆଙ୍କ ଭିଡ଼ ଲାଗି ରହିଥିଲା। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିବା

ବେଳେ ବିଭିନ୍ନ ଶୈବପୀଠରେ ଏବଂ ନଦୀକୂଳମାନଙ୍କରେ କାଉଡ଼ିଆମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ, ଓଡ୍ରାଫ ବାହିନୀମାନଙ୍କୁ ମୁତୟନ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ଐତିହାସିକ ଗନ୍ଧରାଡ଼ି ପୀଠ ସମେତ ଜିଲ୍ଲାର ଅନ୍ୟାନ୍ୟ ଶିବ ମନ୍ଦିରରେ କାଉଡ଼ିଆମାନେ ଜଳାଭିଷେକ କରିଥିଲେ ।

***Subarnpur/Rayagada/Boudh/Nayagarh/ Kalahandi***

## ଜନ ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ସୁବର୍ଣ୍ଣପୁର ଜଲ୍ଲା ବୀରମହାରାଜାପୁର ବ୍ଲକରେ ମିଳିତ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଅନ୍ୟା ଦାସ ତଥା ଏସ୍.ପି. ନାରାୟଣ ନାୟକଙ୍କ ଉପସ୍ଥିତିରେ ୮୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ପାରୁଲ ପଟ୍ଟୱାରୀଙ୍କ ଅଧକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୪୭ଟି ଅଭିଯୋଗର ଶୁଣାଣି କରାଯାଇ ୧୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପ୍ରଦାନ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ୪୭ଟି ଅଭିଯୋଗର ଶୁଣାଣି କରି ତତ୍କାଳ ସମାଧାନ କରିଛନ୍ତି । ଏଥିରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୧୦୦ଟି ଅଭିଯୋଗର ଶୁଣାଣି କରାଯାଇ ୨୮ଟି ମାମଲାର ସମାଧାନ କରାଯାଇଥିଲା । ଏଥିରେ ଜିଲ୍ଲା ଏସ୍.ପି. ଏସ୍ ସୁଶ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଉପସ୍ଥିତିରେ ୪୩ଟି ଅଭିଯୋଗର ଶୁଣାଣି କରାଯାଇ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି ।

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ୫ଟି ଅଭିଯୋଗର ଶୁଣାଣି କରିଥିଲେ ।

***HS***

## ନଦୀ ଜଳସ୍ତର

ରାଜ୍ୟର ବିଭିନ୍ନ ନଦୀର ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଥିବା ଜଣାପଡ଼ିଛି। ଝାଡ଼ଖଣ୍ଡର ଚାନ୍ଦିଲୀ ଡ୍ୟାମର ଜଳ ନିଷ୍କାସନ ଉପରେ କେନ୍ଦୁଝର, ବାଲେଶ୍ୱର ଏବଂ ମୟୂରଭଞ୍ଜରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବା ନିର୍ଭର କରୁଛି। ଆଗାମୀ ଦିନରେ ରାଜ୍ୟରେ ବର୍ଷାର ପରିମାଣକୁ ଦେଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ି ସୂଚନା ଦେଇଛନ୍ତି। ତେବେ, ଉପର ମୁଣ୍ଡରେ ଲଗାଣ ବର୍ଷା ହେବାରୁ ଭଦ୍ରକ ଜିଲ୍ଲା ଆଖୁଆପଦାରେ ବୈତରଣୀ ନଦୀର ଜଳସ୍ତର ୧୭ ଦଶମିକ ୩/୮ ବୃଦ୍ଧି ପାଇ ଅପରାହ୍ଣ ୫ଟା ସୁଦ୍ଧା ବିପଦ ସଙ୍କେତ ଉପରେ ରହିଛି।